# ଦୁର୍ଘଟଣାରେ କେନ୍ଦ୍ରମନ୍ତ୍ରୀ ଶ୍ରୀପଦ ଗୁରୁତର

## ପତ୍ନୀ ଓ ଘନିଷ୍ଠ ସହଯୋଗୀ ମୃତ



**ଅଙ୍କୋଲା,୧୨।୧/ଏଜେନ୍ସି:**

କର୍ଣ୍ଣାଟକର ଅଙ୍କୋଲା ତାଲୁକ୍ ଅନ୍ତର୍ଗତ ହିଲ୍ଲୁର ହୋସାକାମ୍ବି ଗାଁ ନିକଟରେ କେନ୍ଦ୍ରମନ୍ତ୍ରୀ ଶ୍ରୀପଦ ନାୟକଙ୍କ କାର୍ ଦୁର୍ଘଟଣାଗ୍ରସ୍ତ ହେବାରୁ ସେ ଆହତ ହୋଇଥିଲା ବେଳେ ତାଙ୍କର ପତ୍ନୀ ଓ ଜଣେ ଘନିଷ୍ଠ ସହଯୋଗୀଙ୍କର ମୃତ୍ୟୁ ଘଟିଛି। ମିଳିଥିବା ରିପୋର୍ଟ ଅନୁଯାୟୀ ମନ୍ତ୍ରୀ ଶ୍ରୀପଦ ପରିବାର ସହ କର୍ଣ୍ଣାଟକର ଧର୍ମସ୍ଥଳରୁ ଗୋଆ ଫେରୁଥିଲା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କୁ ତୁରନ୍ତ ପାନାଜି ବାମ୍ବୋଲିନ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଦୁର୍ଘଟଣାସ୍ଥଳରେ ତାଙ୍କର ପତ୍ନୀଙ୍କର ମୃତ୍ୟୁ ଘଟିଛି। ମନ୍ତ୍ରୀଙ୍କ ସହ ତାଙ୍କ ପରିବାରର ୬ ଜଣ ସଦସ୍ୟ ଆଙ୍କୋଲାରେ ଥିବା ମନ୍ଦିରରେ ଦର୍ଶନ ସାରି ଫେରୁଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କ ସହ ଟେଲିଫୋନରେ ଶ୍ରୀପଦ ନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ୟେଦିୟୁରାପ୍ପା ଏହି ଘଟଣାରେ ଗଭୀର ଦୁଃଖପ୍ରକାଶ କରିଛନ୍ତି।